# भाकृअनुप – राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**(An ISO 9001: 2015 Certified Institute)**

## କୃଷି ସୂଚନା ସେବା (ଧାନ)

### ୨୦୨୪ ମସିହା ମେ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

- ବାୟୁମଣ୍ଡଳର ତାପମାତ୍ରା ସାଧାରଣଠାରୁ ଅଧିକ ରହିବ ଓ ଧିରେ ଧିରେ ବଢ଼ିବାର ପୂର୍ବାନୁମାନ ରହିଛି । ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳବୈଶାଖୀ ବର୍ଷାଯୋଗୁଁ ବାଦାମୀ ଗୁଣ୍ଡିପୋକ (ବି.ପି.ଏଚ୍) ବା ଚକଡା ପୋକ ଆକ୍ରମଣର ଅଧିକ ସମ୍ଭାବନା ଅଛି । ବାଦାମୀ ଗୁଣ୍ଡିପୋକର ଆର୍ଥିକ ଦେହଳୀସୀମା ରେଖା ଅର୍ଥାତ୍ ବୁଦାପ୍ରତି ୫-୧୦ ଗୋଟି ପୋକ ଦେଖାଦେଲେ ନିମ୍ନଲିଖିତ ଉପଦେଶଗୁଡିକ ଧ୍ୟାନରେ ରଖନ୍ତୁ । ଧାନ ଗଛର ସୂକ୍ଷ୍ମ ପରିବେଶକୁ ବଦଳାଇବା ଆବଶ୍ୟକ । ଯେପରିକି ଜମିକୁ କିଛିଦିନ ଆର୍ଦ୍ର ଏବଂ କିଛିଦିନ ଶୁଖିଲା କରିବା ଅର୍ଥାତ୍ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆପାଣି ରଖନ୍ତୁ ନାହିଁ । ଏହାସତ୍ତ୍ୱେ ଯଦି ପୋକ ନିୟନ୍ତ୍ରଣ ନହୁଏ ତେବେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ % ଏସ୍.ସି. ୯୫ ମି.ଲି. ଲିଟର କିମ୍ବା ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫୁରାନ୍ ୨୦% ଏସ୍.ଜି. ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏକର ପିଛା ଏସିଫେଟ୍ ୭୫% ଏସ୍. ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡିପୋକ ଲାଗିଥିଲେ କେବଳ ଅନୁମୋଦିତ ଔଷଧ ହିଁ ଉପଯୁକ୍ତ ପରିମାଣର ବ୍ୟବହାର କରନ୍ତୁ ।
- ଯଦି ଗନ୍ଧିପୋକର ଆର୍ଥିକ ଦେହଳୀ ସୀମା ଅର୍ଥାତ୍ ବୁଦାପ୍ରତି ୨ରୁ ଅଧିକ ଗନ୍ଧିପୋକ ଦେଖାଯାଏ ତେବେ ଏକର ପ୍ରତି ୩୦୦ ମି.ଲି. (ଇମିଡାକ୍ଲୋପ୍ରିଡ୍ ୬% + ଲାମ୍ବଡାସାଇହାଲୋଥ୍ରିନ୍ ୪%) ମିଶ୍ରିତ ଔଷଧ ୨୦୦ ଲିଟର ପାଣିରେ ମିଶାଇ ସକାଳେ ପବନ ବୋହୁ ନଥିବା ସମୟରେ ପ୍ରୟୋଗ କରନ୍ତୁ ।
- ଯଦି କେଣ୍ଡାକଟା ସଂବାଳୁଆ ଦେଖାଯାଏ ତେବେ ଏକର ପ୍ରତି କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ସକାଳ ସମୟରେ ଧାନ ଗଛର ମୂଳରେ ସିଞ୍ଚନ କରନ୍ତୁ ।
- ବର୍ତ୍ତମାନର ପରିସ୍ଥିତିରେ ଓଡ଼ିଶାର ସୋନପୁର ଏବଂ ବାଲେଶ୍ୱର ଜିଲ୍ଲାରେ କେଣ୍ଡାମୂଳରେ ମହିଷା ରୋଗ ହେବାର ସମ୍ଭାବନା ଥାଏ । ଯଦି ଏହାର ଲକ୍ଷଣ ଦେଖାଯାଏ ତେବେ ଏକର ପିଛା ଆଜୋକ୍ସିଷ୍ଟ୍ରୋବିନ୍ ୨୫ ଏସ୍.ସି. ୨୦୦ ମି.ଲି. କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ମିଶ୍ରିତ ଔଷଧ ୮୦ ଗ୍ରାମ୍ ୨୦୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ କିମ୍ବା ଜୈବିକ ଔଷଧ ହିସାବରେ ଏକର ପ୍ରତି ଏକ କି.ଗ୍ରା. ସିଉଡୋମୋନାସ୍ ଫ୍ଲୁରୋସେନ୍ସ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ୨ କି.ଗ୍ରା ଟ୍ରାଇକୋଡର୍ମା ଭିରିଡି କିମ୍ବା ଟ୍ରାଇକୋଡର୍ମା ଏଟ୍ରୋ ଭିରିଡି (୧୦⁸ ସି.ଏଫ୍.ୟୁ) ୨୦୦ ଲିଟର ପାଣିରେ ୭ ଦିନ ବ୍ୟବଧାନରେ ୨ ଥର ପ୍ରୟୋଗ କରନ୍ତୁ ।
- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛଗୁଡିକୁ ଫୁଲ ଉଡାଇବା ସମୟରେ ଭଲଭାବରେ ଦେଖି ବାଛିଦିଅନ୍ତୁ ।
- ଯେତେବେଳେ ଶତକଡ଼ା ୮୦ ରୁ ୮୫ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ । ନଚେତ୍ ଡାଲୁଅ ଧାନରେ ଧାନ ଝଡି ଯିବାର ସମ୍ଭାବନା ଅଧିକ ଥାଏ ।

- ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।
- ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ ଏବଂ ଅନ୍ୟ ଜମିରେ ମାଟିର ବତର ଦେଖି ପ୍ରଥମ ଖରାଟିଆ ଚାଷ କରିଦିଅନ୍ତୁ ।
- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷିବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷିବ୍ଲକ୍ ଅଫିସରୁ ମଧ୍ୟବର୍ତ୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ଯଥା ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ଶାରଳା ଏବଂ ଗାୟତ୍ରୀ ଇତ୍ୟାଦି ବିହନ ବନ୍ଦୋବସ୍ତ କରନ୍ତୁ । ଗଭୀର ଖାଲୁଆଜମି ପାଇଁ ଉନ୍ନତମାନର ବିହନ ଯଥା ସି.ଆର.ଧାନ ୫୦୦, ସି.ଆର.ଧାନ ୫୦୨ (ଜୟନ୍ତୀ ଧାନ), ସି.ଆର.ଧାନ ୫୦୩ (ଜଳମଣି), ସି.ଆର.ଧାନ ୫୦୫ ଓ ସି.ଆର.ଧାନ ୫୦୭ (ପ୍ରଶାନ୍ତ) ଇତ୍ୟାଦି ବନ୍ଦୋବସ୍ତ କରନ୍ତୁ ।
- ସେହିପରି ଢ଼ିପଜମି ପାଇଁ ସି.ଆର.ଧାନ ୧୦୦ (ସତ୍ୟଭାମା), ସି.ଆର.ଧାନ ୧୦୧ (ଅଙ୍କିତ), ସହଭାଗୀ ଧାନ, ଫାଲଗୁନୀ, ବନ୍ଦନା, ଅଞ୍ଜଳୀ ଓ ଖଣ୍ଡଗିରି ଇତ୍ୟାଦି ଧାନ ବିହନ ଇତ୍ୟାଦି ସଂଗ୍ରହ କରନ୍ତୁ ।
- ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ରୋଇବା ପାଇଁ ଉର୍ଦ୍ଧିଷ୍ଟ ଧାନ ବିହନ ଯଥା : ସି.ଆର.ଧାନ ୩୦୭ (ମଉଡମଣି), ସି.ଆର.ଧାନ ୩୦୩, ସି.ଆର.ଧାନ ୩୦୪, ଏମ୍.ଟି.ୟୁ ୧୦୦୧, ଏମ୍.ଟି.ୟୁ ୧୦୧୦, ନବୀନ, ସି.ଆର.ଧାନ ୩୧୦, ସି.ଆର.ଧାନ ୩୧୨, ସି.ଆର.ଧାନ ୩୧୪, ଡି.ଆର.ଆର. ୪୪, ଉନ୍ନତ ଲଲାଟ କିସମ, ସି.ଆର. ଧାନ ୩୦୧, ସି.ଆର.ଧାନ ୮୦୦, ସି.ଆର.ଧାନ ୪୦୪, ସ୍ୱର୍ଣ୍ଣ, ପୂଜା, ସ୍ୱର୍ଣ୍ଣସବ୍ ୧ ଏବଂ ବିପିଟି ୫୨୦୪ ବିହନ ଇତ୍ୟାଦି ଭରସା ଯୋଗ୍ୟ ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷିବ୍ଲକ୍ ଅଫିସରୁ ବନ୍ଦୋବସ୍ତ କରନ୍ତୁ ।
- ଉପକୂଳବର୍ତ୍ତୀ ଲବଣଯୁକ୍ତ ଜମି ନିମିତ୍ତ ଲବଣ ସହଣୀୟ ଧାନ ବିହନ ଯଥା ସି.ଆର.ଧାନ ୪୦୫ (ଲୁଣାସଂଖୀ), ସି.ଆର.ଧାନ ୪୦୩ (ଲୁଣାସୁବର୍ଣ୍ଣା), ଡି.ଆର.ଆର. ୩୯ ଏବଂ ଲୁଣିଶ୍ରୀ ବିହନ ବନ୍ଦୋବସ୍ତ କରନ୍ତୁ ।
- ଜଳସେଚିତ ମଧ୍ୟମ ଏବଂ ସ୍ୱଳ୍ପ ଗଭୀର ବିଶିଷ୍ଟ ଖାଲୁଆ ଜମିରେ ଶଙ୍କରଜାତୀୟ ଧାନ ଚାଷ କରିବା ପାଇଁ ଇଚ୍ଛୁକ ଥିବା ଚାଷୀଭାଇମାନେ ଉନ୍ନତମାନର ଟ୍ରୁଥଫୁଲ ଲେବଲ ବିହନ (TL) ଯଥା ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, କେ.ଆର.ଏଚ୍-୨ ଏବଂ ପି.ଏଚ୍.ବି ୭୧ ବିହନ ବିଭିନ୍ନ ଖ୍ୟାତିସମ୍ପର୍ଣ୍ଣ ବିହନ ସଂସ୍ଥା/ଅନୁଷ୍ଠାନ ନିକଟରୁ ବନ୍ଦୋବସ୍ତ କରନ୍ତୁ ।
- ବନ୍ୟା ପ୍ଳାବିତ ମଧ୍ୟମ ଖାଲୁଆ ଜମିରେ ବନ୍ୟାଜଳ ସହଣୀକିସମ ଯଥା ସ୍ୱର୍ଣ୍ଣ ସବ୍-୧, ରଞ୍ଜିତ୍ ସବ୍-୧, ବାହାଦୁର୍ ସବ୍-୧, ବୀଣାଧାନ-୧୧ ଏବଂ ଶାମ୍ଭାମସୁରୀ ସବ୍-୧ ଏବଂ ମଧ୍ୟମଗହୀରା ଜମିରେ ସି.ଆର୍.-୧୦୦୯ ସବ୍-୧ କିସମ ଲଗାନ୍ତୁ ।
- ମରୁଡି ହେଉଥିବା ଅଞ୍ଚଳରେ ମରୁଡି ସହଣୀଶକ୍ତିଥିବା କିସମ ଯଥା ସହଭାଗୀ ଧାନ, ଡି.ଆର୍.ଆର୍.-୪୨, ଡି.ଆର୍.ଆର୍.-୪୪, ବି.ଆର୍.ଆର୍.ଆଇ ଧାନ-୭୧, ସ୍ୱର୍ଣ୍ଣଶ୍ରେୟା ଇତ୍ୟାଦି ବିହନ ବ୍ୟବହାର କରନ୍ତୁ ।
- ରୁଆଧାନ ବିଲରେ ସବୁଜ ଖତ ହିସାବରେ ଧଣିଚ଼ା ଚାଷ କରିବା ପାଇଁ ବିଶ୍ୱାସଯୋଗ୍ୟ ସଂସ୍ଥା / ଦୋକାନରୁ ଭଲ ଧଣିଚ଼ା ମଞ୍ଜି ସଂଗ୍ରହ କରନ୍ତୁ ।

- ରୁଆ ଧାନ କରିବାକୁ ଥିବା ଜମିରେ ପ୍ରଥମ ଓଡ଼ ଚାଷ ପରେ ସବୁଜ ଖତ ହିସାବରେ ଭଲ ଗୁଣବତ୍ତା ଧଣିଚା ମଞ୍ଜିକୁ ବୁଣିଦିଅନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ  ଜାତୀୟ ଧାନ ଗବେଷଣା ଅନୁଷ୍ଠାନ**,** କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*******